HW
27/07/21

# କଳା ମାଣିକରେ

## ପ୍ରଶ୍ନ ଉତ୍ତର

୧. ଉତ୍ତର କୁହ।

(କ) ମାତା ଯଶୋଦା କାହିଁକି ଚିନ୍ତିତ ହୋଇପଡ଼ିଛନ୍ତି ?

ଉ→ ସ୍ନେହମୟୀ ମାତା ଯଶୋଦା କୃଷ୍ଣଙ୍କୁ ବନରୁ ଫେରିବା ବିଳମ୍ବରେ ଅଧୀରା ହୋଇପଡ଼ିଛନ୍ତି। ପ୍ରତ୍ୟେକ ସନ୍ଧ୍ୟାପୂର୍ବରୁ କୃଷ୍ଣ ଗୋଚାରଣରୁ ଫେରିଆସନ୍ତି; କିନ୍ତୁ ସେଦିନ ସନ୍ଧ୍ୟା ଅତିକ୍ରାନ୍ତ ହୋଇଯାଇଛି; ତେଣୁ ମାତା ଯଶୋଦାଙ୍କ ମନ ଭୟ ଓ ନାନା ଆଶଙ୍କାରେ ବିବ୍ରତ ହୋଇପଡ଼ିଛି।

(ଖ) ଶ୍ରୀକୃଷ୍ଣଙ୍କୁ କେଉଁ ଖାଦ୍ୟ ରୁଚୁ ନଥିଲା ?

ଉ→ ଶ୍ରୀକୃଷ୍ଣଙ୍କ ଶରୀର ଥିଲା ଦୁର୍ବଳ। ତେଣୁ ମା' ତାଙ୍କୁ ନାନା କ୍ଷୀରଜାତ ଦ୍ରବ୍ୟ; ଯଥା- ଗୋଟିକା, ଅଧାମ

ଓ ପରେ ଆଦି ପାଠି ଖୁଆଇବାକୁ ଚେଷ୍ଟା କରୁଥିଲେ । ମାତ୍ର ସେସବୁ ଖାଦ୍ୟ କୃଷ୍ଣଙ୍କୁ ରୁଚୁ ନଥିଲା । କିନ୍ତୁ ଲହୁଣି ପ୍ରତି ତାଙ୍କ ମନରେ ଗଭୀର ଆଗ୍ରହ ଥିଲା ଓ ମା'ଙ୍କୁ ସେ ଲହୁଣି ଲାଗି ମାଗୁଥିଲେ ।

(ଗ) ଯଶୋଦା ନିଜକୁ ଡଙ୍କୁଣୀ ବୋଲି କାହିଁକି କହିଛନ୍ତି?

ଉ-> ଯଶୋଦାଙ୍କର ବୃଦ୍ଧାବୟସରେ ଶ୍ରୀକୃଷ୍ଣ ଏକମାତ୍ର ସନ୍ତାନ ହୋଇଥିବାରୁ ସେ କ୍ଷଣମାତ୍ର ପାଖରୁ ଛାଡ଼ିବାକୁ ଇଚ୍ଛା ~~ନଥିଲା~~ କରୁନଥିଲେ; କିନ୍ତୁ କୃଷ୍ଣ ଗୋଚାରଣରେ ଯିବାକୁ ଜିଦ୍ କରୁଥିଲେ । ବନରୁ ଫେରିବାରେ ବିଳମ୍ବ ହେବାରୁ ଯଶୋଦା ବ୍ୟସ୍ତ ଓ ବିବ୍ରତ ହୋଇ ନିଜକୁ ଡଙ୍କୁଣୀ ବୋଲି କହି ଅନୁତାପ କରୁଥିଲେ ।

(ଘ) ଶ୍ରୀକୃଷ୍ଣଙ୍କ ପାଦରେ କଣ୍ଟା ଫୁଟିଯିବାର ଆଶଙ୍କା ମା'ଙ୍କ ମନରେ କାହିଁକି ସୃଷ୍ଟି ହୋଇଛି?

ଉ-> ଗୋଚାରଣରେ ଯିବାବେଳେ ଶ୍ରୀକୃଷ୍ଣ କଠଉ ଓ ଛତା ସଙ୍ଗରେ ନେଇଥାଆନ୍ତି । କିନ୍ତୁ ସେଦିନ ସେସବୁ ନେବାକୁ ସେ ଭୁଲି ଯାଇଥିଲେ । କଠଉ ନ ଥିବାରୁ ତାଙ୍କ କୋମଳ ପାଦରେ କଣ୍ଟା ଫୁଟି ତାଙ୍କୁ କଷ୍ଟ ହେଉଥିବ ଓ ସେ ଯନ୍ତ୍ରଣା ଭୋଗୁଥିବେ, ଏହିକଥା ମନରେ ଭାବି ମା'ଙ୍କ ମନ ବିଷାଦରେ ଭରିଉଠିଛି ।

୨. ଦୁଇଟି ବା ତିନୋଟି ବାକ୍ୟରେ ଉତ୍ତର ଦିଅ ।

(କ) ଶ୍ରୀକୃଷ୍ଣଙ୍କୁ କଳାମାଣିକ କହିବାର ତାତ୍ପର୍ଯ୍ୟ କ'ଣ?

ଉ- ମାଣିକ୍ୟ ହେଉଛି ଏକ ବହୁମୂଲ୍ୟ ରତ୍ନପଥର । ଏହା ବିଭିନ୍ନ ବର୍ଣ୍ଣର ହୋଇଥାଏ ଓ ବର୍ଣ୍ଣ ଅନୁ

ଯାରେ ତା'ର ନାମକରଣ ହୋଇଥାଏ । ଏହା ଚିକ୍କଣ, ସୁନ୍ଦର ଓ ବହୁ ମୂଲ୍ୟବାନ୍ । ଯଶୋଦାଙ୍କ ପାଇଁ ଶ୍ରୀକୃଷ୍ଣ ଥିଲେ ସର୍ବସୁନ୍ଦର ଓ ବହୁ ମୂଲ୍ୟବାନ୍ । କିନ୍ତୁ କୃଷ୍ଣଙ୍କ ଶରୀର ରଙ୍ଗ ଶ୍ୟାମଳ ହୋଇଥିବାରୁ ଯଶୋଦା ପୁତ୍ର କୃଷ୍ଣଙ୍କୁ ସ୍ନେହରେ କଳାମାଣିକ ବୋଲି ସମ୍ବୋଧନ କରିଛନ୍ତି ।

(ଖ) ପୁଅର କେଉଁସବୁ କାର୍ଯ୍ୟ ମନେପକାଇ ମା'ଆ ଭାଳି ହେଉଛନ୍ତି ?

ଉ-) ମା'ମନ ସନ୍ତାନ ପାଇଁ ସଦା ବ୍ୟାକୁଳ । କୃଷ୍ଣ ଯଶୋଦାଙ୍କର ଆଦରର ଧନ ତାଙ୍କର ଗୋରୁ ଚରାଇବାକୁ ଯାଇ ଫେରିବାରେ ବିଳମ୍ବ କରିଛନ୍ତି । ସ୍ନେହମୟୀ, ମମତାମୟୀ ମା'ର ହୃଦୟ ଅଧିକ ଭୟ ଓ ଆଶଙ୍କାରେ ଥରିଉଠୁଛି । କୃଷ୍ଣଙ୍କୁ ଘରେ ଅଯାମ, ଗୋଟିକା, ସର ଆଦି ସୁସ୍ୱାଦିଷ୍ଟ ଖାଦ୍ୟ ରୁଚେ ନାହିଁ । ଲହୁଣି ମାଗି ନାଚି ନୃତ୍ୟ କରିବା, ଅଳି ଅଝଟ କରି ତଳେ ଗଡ଼ିଯିବା, ଧୂଳି ଧୂସର ହୋଇ କୋଳରେ ଲୋଟିଯିବା ଭଳି କୃଷ୍ଣଙ୍କର ଶିଶୁସୁଲଭ ଚପଳତାକୁ ମା' ମନେ ପକାଇ ଭାଳି ହେଉଛନ୍ତି । ଜଙ୍ଗଲରେ ଡାହାଣୀ ଓ ରାକ୍ଷସଙ୍କର ଉପଦ୍ରବ ହେଉଥିବ, ଶାଗଖରାରେ ଶ୍ରମକ୍ଲାନ୍ତ ହୋଇଯାଉଥିବ, ପାଦରେ କଣ୍ଟା ଫୁଟି କଷ୍ଟ ହେଉଥିବ- ଏମିତି କେତେକଥା ଭାବି ଭାଳି ହେଉଛନ୍ତି ଏବଂ ଭାବି ଭାବି ମା' ଯଶୋଦା ବିଳାପ କରୁଥିଲେ ।

(ଗ) ମା'ଆଙ୍କର ହୃଦୟ ତାପ ବିନାଶ କରିବାରେ ଶ୍ରୀକୃଷ୍ଣ ହରିଚନ୍ଦନ ପରି ଥିଲେ ବୋଲି କହିବାର କାରଣ କ'ଣ?

ଉ→ ହରିଚନ୍ଦନ ହେଉଛି ଦେବଯୋଗ୍ୟ ସୁବାସିତ ଶ୍ରେଷ୍ଠ ଚନ୍ଦନ । ଗ୍ରୀଷ୍ମକାଳରେ ଶରୀରକୁ ଶୀତଳତା ପ୍ରଦାନ କରିବାପାଇଁ ଚନ୍ଦନ ଲଗାଯାଏ ଯାହାକି ହୃଦୟର ସକଳ ସନ୍ତାପ, ଦୁଃଖ, ତାପ ଓ ଦହନକୁ ଶାନ୍ତ କରେ । ଯଶୋଦାଙ୍କ ଜୀବନରେ କୃଷ୍ଣ ଥିଲେ ବାର୍ଦ୍ଧକ୍ୟର ଏକମାତ୍ର ସମ୍ବଳ, ଜୀବନର ସର୍ବସ୍ୱ । ଯେତେବେଳେ ସେ କୃଷ୍ଣଙ୍କୁ ହୃଦୟରେ ଲଗାଇ ଆଲିଙ୍ଗନ କରନ୍ତି, ତାଙ୍କ ହୃଦୟର ସକଳ ଦୁଃଖ, ସନ୍ତାପ ଦୂରୀଭୂତ ହୁଏ । କ୍ଷଣକ ପାଇଁ ପାଖରୁ ଅନ୍ତର ହେଲେ ଭୟ ଓ ଆଶଙ୍କାରେ ତାଙ୍କର ମନରେ ବ୍ୟାକୁଳତା ଭରିଯାଏ ଏବଂ କୋଳକୁ ଫେରିଆସିଲେ ସେ ପରମ ସୁଖ ଅନୁଭବ କରନ୍ତି । ତେଣୁ ସେ କୃଷ୍ଣଙ୍କୁ ହୃଦୟର ତାପ ବିନାଶକ ହରିଚନ୍ଦନ ବୋଲି କହିଛନ୍ତି ।

(ଘ) ଶ୍ରୀକୃଷ୍ଣ କିପରି ଯଶୋଦାଙ୍କର ସୁଖର କାରଣ ~~କା~~ଣ ଥିଲେ ?

ଉ→ ବୃଦ୍ଧ ବୟସରେ ଶ୍ରୀକୃଷ୍ଣଙ୍କ ପରି ସନ୍ତାନ ଯଶୋଦାଙ୍କ ଜୀବନର ସର୍ବସ୍ୱ ଏବଂ ଏକମାତ୍ର ସମ୍ବଳ ଥିଲେ ତାଙ୍କ ପାଇଁ କୃଷ୍ଣ ଥିଲେ ନୟନ ପ୍ରତିମା ସଦୃଶ । କ୍ଷଣକ ପାଇଁ କୃଷ୍ଣ ପାଖରୁ ଅନ୍ତର ହେଲେ ସେ ବିଳାପ କରି ଉଠିଥିଲେ । କୃଷ୍ଣ ତାଙ୍କ ପାଇଁ ଅନ୍ଧର ଲଉଡ଼ି ଓ ଦରିଦ୍ରର ଧନ ପରି ଥିଲେ । ଅର୍ଥାତ୍ କୃଷ୍ଣ କିନ୍ତୁ ତାଙ୍କ କାରଣ ନ ମାନି ଗୋଚାରଣରେ ବନକୁ ଚାଲି ଯାଉଥିଲେ । ଜୀବନରେ ଜୀବନ ତଥା ହୃଦରନ୍ଧ୍ରହାରା ସଦୃଶ କୃଷ୍ଣ ତାଙ୍କ ଜୀବନର ସମସ୍ତ ସୁଖର କାରଣ ଥିଲେ । ତାଙ୍କ ସ୍ନେହବଦନ ଦର୍ଶନରେ ମା' ପାଉଥିଲେ ଅସୀମ ଆନନ୍ଦ । ଜୀବ

ନର ସମସ୍ତ ଦୁଃଖ ପାସୋରି ସେ ତାଙ୍କୁ କୋଳେଇ
ନେଉଥିଲେ ।

(ଝ) ଶ୍ରୀକୃଷ୍ଣଙ୍କର ବେଣୁସ୍ୱନକୁ କାନ ଡେରିବା ପ୍ରସଙ୍ଗରେ
କେଉଁ ପ୍ରକାଶ ପାଇଛି ?

ଉ→ ଶ୍ରୀକୃଷ୍ଣ ନିତିପ୍ରତି ଗୋଚାରଣରେ ବନକୁ ଯାଇ
ସନ୍ଧ୍ୟା ପୂର୍ବରୁ ଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିଲେ ।
ଗୋଧୂଳି ବେଳରେ ତାଙ୍କ ବଂଶୀ ସ୍ୱନକୁ କାନ ଡେରି
ରହୁଥିଲେ ମାତା ଯଶୋଦା । ଦୂରରୁ ସୁମଧୁର
ବେଣୁତାନ ତାଙ୍କ ମନରେ ଆନନ୍ଦ ଭରି ଦେଉଥି
ଲା । ସେ ~~ଦେଖିବାକୁ~~ ଦାଣ୍ଡକୁ ~~ଯାଇ~~ ଧାଇଁ ଯାଉ
ଥିଲେ ପୁଅକୁ ପାଛୋଟି ଆଣିବାପାଇଁ । ଯେଦିନ
ସନ୍ଧ୍ୟା ଅତିକ୍ରାନ୍ତ ହୋଇଥିଲେ ମଧ୍ୟ କୃଷ୍ଣଙ୍କ ଘର
ବାହୁଡ଼ାରେ ବିଳମ୍ବ ଦେଖି ମା' ଯଶୋଦାଙ୍କ ମନ ଉ

ଦ୍ବ ଓ ଆଶଙ୍କାରେ ଭରି ଉଠୁଥିଲା । ବଂଶୀର
ସ୍ୱନକୁ ଅପେକ୍ଷା କରି କରି ନାନା ବିପଦ ଆଶଙ୍କା
ରେ ବ୍ୟାକୁଳ ହୋଇଥିଲା ତାଙ୍କ ମନ । ତେଣୁ
ନିଜକୁ ଧିକ୍କାର କରି ଦୁଃଖରେ ଭାଙ୍ଗି ପଡ଼ିଥି
ଲେ ସେ । ପୁତ୍ରର ଗୁଣ ସ୍ମରଣ କରି ସେ କରୁ
ଣ ସ୍ୱରରେ ବିଳାପ କରିଉଠିଥିଲେ । ଏଠାରେ
ମାତା ଯଶୋଦାଙ୍କର ଅପୂର୍ବ ବାତ୍ସଲ୍ୟ ମମତାର
ଭାବ ପ୍ରକାଶ ପାଇଛି ।

୩. ପଠିତ କବିତାଟିକୁ ମନେପକାଇ କବିତାଂଶ ପୂର
ଣ କର ।

(କ) ଅନ୍ଧ ଲଉଡ଼ି ବାହୁରେ ହୃଦୟର ହାରା ।
(ଖ) ତନ୍ତୁ ଥାଉ ଅନ୍ଧାରକୁ ରଖି ଯାଉ ଗୋରୁ
(ଗ) ହୃଦତାପ ବିନାଶନେ ତୁ ହରିଚନ୍ଦନ ।

(ଘ) ଗୋଟିକା, ଅପାମ, ସର ନ ଲୁଚିରେ ଡୋଳେ

(ଙ) ଦିନେ କଷ୍ଟ ଲାଗି ହୋଏ ମୃଦୁ ପାଦ ଚିନ୍ତା ।

୪. ସରଳ ଭାଷାରେ ବୁଝାଇ ଲେଖ ।

(କ) ଚୋଳି ମୁଁ ପଡ଼ଇଲେ.............ପଣିବଇଂ ମୁହିଁ ।

ଉ→ ଉକ୍ତ ପଦ୍ୟାଂଶଟି ଆମ ପଠିତ ସାହିତ୍ୟ ବହିରେ ଅଭିମନ୍ୟୁ ସାମନ୍ତସିଂହାରଙ୍କ ଦ୍ୱାରା ରଚିତ "ବାଳ ମାଟିକରେ" କବିତାରୁ ଆସିଅଛି । ଏଠାରେ ମା'ର ବାତ୍ସଲ୍ୟତା ପ୍ରତି ଏବଂ ସନ୍ତାନର ଜନନୀପ୍ରତି ଭକ୍ତିର ପରିପ୍ରକାଶ ଘଟିଛି ।

ବାଲ୍ୟକାଳରେ ଶ୍ରୀକୃଷ୍ଣ ଅତ୍ୟନ୍ତ ଦୁର୍ବଳ ଶରୀର ବିଶିଷ୍ଟ ଥିଲେ । ସେଥିପାଇଁ ମାତା ଯଶୋଦା ଚିନ୍ତିତ ଥିଲେ । ସନ୍ତାନ ଯେତେ ସୁସ୍ଥ ସବଳ ଥିଲେ ମଧ୍ୟ ଜନନୀ ଚକ୍ଷୁରେ ସେ ସବୁବେଳେ ଦୁର୍ବଳ ମନେ ହୋଇଥାଏ । କୃଷ୍ଣଙ୍କୁ କୋଳରେ ଧରି ~~ଯେତେ ସୁସ୍ଥ~~ ସ୍ନେହ କଲାବେଳେ ଯଶୋଦା ପୁତ୍ରର ଅସୁସ୍ଥତା ଆଶଙ୍କା କରିଥାଆନ୍ତି । ତେଣୁ ଗୋଟିକା, ଅପାମ ଓ ସର ଆଦି ପୁଷ୍ଟିକର ~~ସ୍ନେହ କଲାବେଳେ ଯଶୋଦା ପୁତ୍ରର ଅସୁସ୍ଥତା ଆଶଙ୍କା କରିଥାଆନ୍ତି । ତେଣୁ ଗୋଟିକା, ଅପାମ ଓ ସର ଆଦି~~ ଖାଦ୍ୟ ଖାଇବାକୁ ତାଙ୍କୁ ବାଧ୍ୟ କରନ୍ତି । ଏହିପରି ଦୁର୍ବଳ କୋମଳ ଶରୀର ଧାରଣ କରି ସେ ଗୋଚାରଣ ନିମନ୍ତେ ବନକୁ ଯାଉଥିବାରୁ ମା'ଙ୍କ ମନ ସଦା ଆତଙ୍କିତ ଥାଏ । ପୁନଶ୍ଚ ସନ୍ଧ୍ୟା ପରେ ବନରୁ ଫେରିବାର ବିଳମ୍ବ ହେବାରୁ ଆଶଙ୍କାରେ ଅସ୍ଥିର ହୋଇ ଯଶୋଦା ବ୍ୟାକୁଳ ହୋଇ ଉଠିଛନ୍ତି ଓ ପୁତ୍ରର

ମୃଗବତ୍ସା ସ୍ମରଣ କରି ବିଳାପ କରିଛନ୍ତି ।

ଏଠାରେ କବିଙ୍କର ଉକ୍ତି ମନଛୁଆଁ ହୋଇଛି ।

(ଗ) କେଉଁ ନାହିଁ କହିଁ ପାଇଁ.........ଯୁଦ୍ଧ ପାଦ ଚିହ୍ନ ।

ଉ→ ଉକ୍ତ ପଦ୍ୟାଂଶଟି "ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଦ୍ୱାରା ରଚିତ "କଳାମାଣିକର" କବିତାରୁ ଆସିଅଛି ।

ସନ୍ଧ୍ୟାରେ ଗୃହକୁ ପ୍ରତ୍ୟାବର୍ତ୍ତନ କରିବାର ବିଳମ୍ବ ହେବାରୁ ଯଶୋଦା କୃଷ୍ଣଙ୍କ ଚିନ୍ତାରେ ବ୍ୟାକୁଳ ହୋଇଉଠିଛନ୍ତି । ଗାଈଗୋଠ ସହ ଗଲାବେଳେ କୃଷ୍ଣ ତାଙ୍କ କଉଡ଼ ଓ ଚୁଡା ସଙ୍ଗରେ ନେବାକୁ ଭୁଲି ଯାଇଛନ୍ତି । ସେଥିପାଇଁ ମା'ଙ୍କ ମନରେ ଅସ୍ଥିରତା ଆଶଙ୍କା ସୃଷ୍ଟି ହୋଇଛି । ସେ ଚିନ୍ତା କରୁଛନ୍ତି ହୁଏତ ନିଦାଘ ଝାଞ୍ଜି ହେତୁ କୃଷ୍ଣଙ୍କ ଦେହରୁ ଝାଳ ବହି ପଡୁଥିବ । ବନ ମଧ୍ୟରେ ଅନେକ କଣ୍ଟା ମାଡ଼ି ସୁକୋମଳ ପାଦ ଦୁଇଟିରୁ ରକ୍ତ ଝରିପଡୁଥିବ । ଯନ୍ତ୍ରଣାରେ ତାଙ୍କ ଆଖିଥିଲ ଧୂଆ ଅଧାର ହୋଇପଡୁଥିବ । ଚାଲିବାରେ କଷ୍ଟ ଅନୁଭବ କରି ହୁଏତ ଆସିବାରେ ବିଳମ୍ବ ହୋଇଛି । ଏହିପରି ନାନା ଭୟ ଓ ଆଶଙ୍କାରେ ମା' ମନ ଶିହରି ଉଠିଛି । ବାତ୍ସଲ୍ୟ ମମତାମୟୀ ଜନନୀ ଯଶୋଦାଙ୍କର ବ୍ୟାକୁଳତା କବିଙ୍କ ଲେଖନୀରେ ଜୀବନ୍ତ ହୋଇଉଠିଛି ।

ଏଠାରେ କବିଙ୍କର ଉକ୍ତି ମନଛୁଆଁ ହୋଇଛି ।

୫. ଅସଜଡ଼ା ପଦକୁ ସଜାଡ଼ି ଲେଖ ।

(କ) ତୁ ତୁ ବିତାଗଲେ ଏକଇ ବୁଢ଼ିକାଳେ ନନ୍ଦନ ସୁଦଶା ପ ହରିଦେବ ମୋହର ।

ଉ→ ବୁଢ଼ିକାଳେ ତୁ ମୋହର ଏକଇ ନନ୍ଦନ, ସୁଦଶାପ ବିତାଗଲେ ତୁ ହରିଦେବ ।

(ଖ) ଶ୍ରୁତିକି ଡଙ୍କୁଣୀ ବଚନ୍କୁ ମାତିବାର ଶୁଣୁଛି ଛାଡ଼ି ଦେଲି ନିଶାରେ କାହିଁକି ମୁଁ ।

ଉ→ ନିଶାରେ ମାତିବାର ଶୁଣୁଛି ଶ୍ରୁତିକି, ମୁଁ ଡଙ୍କୁଣୀ ଛାଡ଼ିଦେଲି ବଚନ୍କୁ କାହିଁକି ।

୬. ଯଶୋଦା ଶ୍ରୀକୃଷ୍ଣଙ୍କୁ କା'ଣ କା'ଣ ସମ୍ବୋଧନ କରି ଡାକିଛନ୍ତି, ସେହି ନାମଗୁଡ଼ିକ ଲେଖ ।

ଉ→ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ଜନନୀ ଯଶୋଦା ସମ୍ବୋଧନ କରି ଡାକିଥିବା ନାମଗୁଡ଼ିକ ହେଲା- କଳା ମାଣିକ, ନିଧନ ସଞ୍ଚାଳି, ଦରିଦ୍ର ପସରା, ଅନ୍ଧ ଲଉଡ଼ି, ହୃଦ ରତ୍ନହାରା, ଜୀବ ଜୀବନ, ନୟନ ପ୍ରତିମା, ହରିଦେବ ।

୭. ରେଖାଙ୍କିତ ଶବ୍ଦଗୁଡ଼ିକର ଅର୍ଥ ଲେଖ ।

(କ) ନିଧନ ସଞ୍ଚାଳି ମୋର ଦରିଦ୍ର ପସରା ।

ଉ→ ନିଧନ- ନିର୍ଦ୍ଧନ, ଧନହୀନ, ଦରିଦ୍ର, ଗରିବ

(ଖ) ବୁଢ଼ିକାଳେ ତୁ ମୋହର ଏକଇ ନନ୍ଦନ ।

ଉ→ ନନ୍ଦନ- ପୁଅ, ପୁତ୍ର

(ଗ) ଗୋଟିକ ଅଧାମ ସର ନ ଭୁଞ୍ଜରେ ଶୋଭେ ।

ଉ→ ଅଧାମ- ଦୁଗ୍ଧଜାତ ମିଷ୍ଟାନ୍ନ ବିଶେଷ, ରାବିଡ଼ି, ସର ଧୂଳି । ଦୁଗ୍ଧକୁ ଗରମ କରି ଏଥିରୁ ଜଳୀୟ ଅଂଶ କମିଗଲା ପରେ ଅର୍ଦ୍ଧତରଳ ଅବସ୍ଥାରେ ଯାହା ରହେ ତାହାକୁ ଅଧାମ କହୁଯାଏ । ଏହା ଏକ ସୁସ୍ୱାଦୁ ଖାଦ୍ୟ ।

(ଘ) ବନେ କଣ୍ଟା ଲାଗି ହୋଏ ମୃଦୁ ପାଦ ଚିନ୍ତା ।

ଉ→ ମୃଦୁ - କୋମଳ, ନରମ

(ଙ) ବାର ବାର ବାରୁଥାଇ ଯିବା ପାଇଁ ବନେ ।

ଉ- ବାରୁଥାଇ- ବାରଣ କରୁଥାଇ, ମନା କରୁଥାଇ

୮. ତଳେ ଦିଆଯାଇଥିବା ସମୋଚ୍ଚାରିତ ଶବ୍ଦଗୁଡ଼ିକ ମଧ୍ୟରେ ଥିବା ଅର୍ଥଗତ ପାର୍ଥକ୍ୟ ଲେଖ ।

ଉ-୧. ବେଶୀ- ଅଧିକ

ବେଶୀ- ବେଶଧାରୀ

୨. ଶ୍ରୁତି- ବେଦ, କିମ୍ବଦନ୍ତୀ

ଶ୍ରୁତି- ~~[illegible]~~ କାନ, ଶ୍ରବଣ, ଶୁଣିବା

୩. ନିଧନ- ମୃତ୍ୟୁ, ବିନାଶ

ନିଧନ- ଧନହୀନ, ଦରିଦ୍ର

୪. ନିଶା- ରାତ୍ରି

ନିଶା- ନିଶା ଦ୍ରବ୍ୟ ଅଭ୍ୟାସ

୫. ବର- ବୃକ୍ଷ ବିଶେଷ, ସ୍ୱାମୀ, ପତି

ବର- ଆଶୀର୍ବାଦ

୯. ତଳଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

ଉ→ କାନନ- ବଣ, ଜଙ୍ଗଲ

ନୟନ- ଚକ୍ଷୁ, ଆଖି

ଲଉଡ଼ି- ବାଡ଼ି, ଯଷ୍ଟି

ଦରିଦ୍ର- ଦୀନ, ଗରିବ

ଜନନୀ- ମାତା, ମା'

କାନନ, ଦରିଦ୍ର, ନୟନ, ଜନନୀ, ଲଉଡ଼ି